ଧରିତ୍ରୀ
DHARITRI
ବାଲେଶ୍ୱର, ମଙ୍ଗଳବାର, ଅଗଷ୍ଟ ୩୧/୨୦୨୧ (୧୬ ପୃଷ୍ଠା) Balasore, Tuesday, August 31/2021 ★★★★

# ୩ ବର୍ଷ ପରେ ଫେରିଲେ ସଲ୍‌ମା

■ଭୁଲ୍ ଟ୍ରେନ୍‌ରେ ଚଢ଼ି ମୁମ୍ବାଇ ପଳାଇ ଥିଲେ

■ଏଣେ ତେଣେ ବୁଲି ଅସହାୟ ଜୀବନ ବିତାଉଥିଲେ

ବାଲେଶ୍ୱର ଅଫିସ,୩୦।୮

ବାଲେଶ୍ୱର ସହର ଗୋପାଳଗାଁ ତଳସାହି ଅଞ୍ଚଳର ସ୍ୱର୍ଗତ ଗୋପାଳ ହାଁସଦାଙ୍କ ସ୍ତ୍ରୀ ସଲ୍‌ମା (୫୦) ନିଖୋଜର ୩ ବର୍ଷ ପରେ ଘରକୁ ଫେରିଛନ୍ତି। ସୋମବାର ସେ ପହଞ୍ଚିବା ପରେ ପରିବାର ଲୋକଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସଲ୍‌ମା ଓ ତାଙ୍କ ପରିବାର ଲୋକେ ଉଦ୍ଧାରକାରୀ ସଙ୍ଗଠନ 'ଶ୍ରଦ୍ଧା ଫାଉଣ୍ଡେସନ' ଓ 'ଆମ ବାଲେଶ୍ୱର ସଂଗଠନ'ର କର୍ମକର୍ତ୍ତାଙ୍କୁ ଅଶେଷ ଧନ୍ୟବାଦ ଜଣାଇଛନ୍ତି।

ସୂଚନା ଅନୁଯାୟୀ, ୩ ବର୍ଷ ତଳେ ସଲ୍‌ମା ବାହାନଗା ସ୍ଥିତ ଭାଇଙ୍କ ଘରକୁ ଯିବାକୁ କହି ରେଳ ଷ୍ଟେସନ ଯାଇଥିଲେ। ସେଠାରେ ଭୁଲ ଟ୍ରେନରେ ଚଢ଼ି ପ୍ରଥମେ ଖଡ଼ଗପୁର ଓ ପରେ ପୁଣି ଗୋଟିଏ ପରେ ଗୋଟିଏ ଟ୍ରେନ ବଦଳ କରି ଶେଷରେ ମୁମ୍ବାଇରେ ପହଞ୍ଚି ଯାଇଥିଲେ। ସେ ସ୍ପଷ୍ଟ ହିନ୍ଦୀ କହିପାରୁ ନ ଥିବାରୁ ଘରକୁ ଫେରିବାରେ ଅସୁବିଧା ହୋଇଯାଇଥିଲା। ଦୀର୍ଘ ଦିନ ଏଣେ ତେଣେ ଅସହାୟ ଭାବେ ବୁଲି ବୁଲି ଜୀବନ ଅତିବାହିତ କରିଥିଲେ। ମୁମ୍ବାଇର ତେମ୍ବୁରଠାରେ ଇତଃସ୍ତତ ଭାବେ ବୁଲୁଥିବା ବେଳେ ଗତ ଜୁଲାଇ ୭ରେ ସ୍ୱେଚ୍ଛାସେବୀ ସଂଗଠନ ଶ୍ରଦ୍ଧା ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ସେହି ସମୟରେ ସଲ୍‌ମାଙ୍କ ମାନସିକ ବିକୃତି ରୋଗ ଥିବା ଲକ୍ଷ୍ୟ କରି ଶ୍ରଦ୍ଧା ଫାଉଣ୍ଡେସନର କର୍ମକର୍ତ୍ତାମାନେ ତାଙ୍କର ଚିକିତ୍ସା କରାଇଥିଲେ। ଉତ୍ତମ ଚିକିତ୍ସା ସହ ଶ୍ରଦ୍ଧା ଫାଉଣ୍ଡେସନର ପୁନଃସ୍ଥାପନ କେନ୍ଦ୍ରରେ ରହି ସଲ୍‌ମା ସୁସ୍ଥ ହୋଇଥିଲେ। ଫାଉଣ୍ଡେସନର ଓଡ଼ିଆ କାର୍ଯ୍ୟକର୍ତ୍ତା ଲକ୍ଷ୍ମୀପ୍ରିୟା ବିଶୋଇଙ୍କ ସଂସ୍ପର୍ଶରେ ଆସିବା ପରେ ସଲ୍‌ମା ନିଜ ଘର ବାବଦରେ କହିଥିଲେ। ସଲ୍‌ମାଙ୍କ ନିକଟରୁ ସମସ୍ତ ତଥ୍ୟ ପାଇବା ପରେ ଫାଉଣ୍ଡେସନ ପକ୍ଷରୁ ଗତ ଅଗଷ୍ଟ ୧୩ ତାରିଖରେ 'ଆମ ବାଲେଶ୍ୱର ସଂଗଠନ' ସହ ଯୋଗାଯୋଗ କରାଯାଇଥିଲା। ସେହି କ୍ରମରେ ଆମ ବାଲେଶ୍ୱର ପକ୍ଷରୁ ସଲ୍‌ମାଙ୍କ ପରିବାରବର୍ଗଙ୍କୁ ଯୋଗଯୋଗ ସହ ଘଟଣାର ସତ୍ୟାସତ୍ୟ ଅନୁଧ୍ୟାନ କରାଯାଇଥିଲା। ସଂଗଠନର କର୍ମକର୍ତ୍ତାଙ୍କ ଅନୁରୋଧ କ୍ରମେ ଶ୍ରଦ୍ଧା ଫାଉଣ୍ଡେସନର ଲକ୍ଷ୍ମୀପ୍ରିୟା ସଲମାଙ୍କୁ ନେଇ ବାଲେଶ୍ୱରରେ ପହଞ୍ଚିଥିଲେ। ବାଲେଶ୍ୱର ଷ୍ଟେସନ କ୍ଲବ ପରିସରରେ ସଲ୍‌ମାଙ୍କୁ ସ୍ୱାଗତ ସହ ଲକ୍ଷ୍ମୀପ୍ରିୟାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସଲ୍‌ମାଙ୍କୁ ଉଦ୍ଧାର ଓ ଚିକିତ୍ସା ସମ୍ପର୍କରେ ସୂଚନା ଦେବା ସହ ଆଗାମୀ ୨ବର୍ଷ ପର୍ଯ୍ୟନ୍ତ ତାଙ୍କୁ ବିନାମୂଲ୍ୟରେ ସମସ୍ତ ପ୍ରକାର ଔଷଧ ଓ ଚିକିତ୍ସା ସେବା ଶ୍ରଦ୍ଧା ଫାଉଣ୍ଡେସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଲକ୍ଷ୍ମୀପ୍ରିୟା କହିଥିଲେ। ସେହିପରି ଆମ ବାଲେଶ୍ୱର ସଂଗଠନର ବରିଷ୍ଠ ସଦସ୍ୟା ସମାଜସେବୀ ସୁବାସିନୀ ଜେନା ସଲ୍‌ମାଙ୍କର ଦାୟିତ୍ୱ ନେବା ପାଇଁ ସଙ୍ଗଠନ ପକ୍ଷରୁ ଉଚିତ୍ ମନେ କରିଥିବା ପ୍ରକାଶ କରିଥିଲେ। ଭୁବନାନନ୍ଦ ଦାସ, ନିରଞ୍ଜନ ପରିଡ଼ା, ସୁବ୍ରତ କର, ଜନ୍ମେଜୟ ରାଉତ, ଗିରିଜା ଶଙ୍କର ଦାସ, ଶଶାଙ୍କ ଶେଖର ଦତ୍ତ, ଗଙ୍ଗାଧର ଦାସ ପ୍ରମୁଖ ଆମ ବାଲେଶ୍ୱର ସଂଗଠନର କର୍ମକର୍ତ୍ତାମାନେ ସଲମାଙ୍କୁ ନେଇ ଗୋପାଳଗାଁ ତଳସାହିରେ ତାଙ୍କ ଘର ନିକଟରେ ପହଞ୍ଚିଥିଲେ। ସେଠାରେ ସଲମାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତରେ କରିଥିଲେ। ମୁମ୍ବାଇର ଶ୍ରଦ୍ଧା ଫାଉଣ୍ଡେସନ ଓ ଆମ ବାଲେଶ୍ୱର ସଂଗଠନର ଏଭଳି ପ୍ରଚେଷ୍ଟାକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଇଛି।


ପରିବାର ଲୋକଙ୍କ ସହ ସଲ୍‌ମା।